# ଭୁବନେଶ୍ୱର ମହାନଗର ନିଗମ, ଭୁବନେଶ୍ୱର

## ଟ୍ୟାକ୍ସେସନ୍, ଫାଇନାନ୍ସ ଆଣ୍ଡ୍ ଆକାଉଂଟ୍ସ ଷ୍ଟାଣ୍ଡିଂ କମିଟି ବୈଠକ ବିବରଣୀ

ତା ୧୮.୧୦.୨୦୨୨ ରିଖ

ସମୟ-ଅପରାହ୍ନ ଘ.୪.୦୦ ଟିକା
ସ୍ଥାନ- ନିଗମ ସଭାକକ୍ଷ "ଏକାମ୍ର"

ଉପସ୍ଥିତ ସଭ୍ୟ/ସଭ୍ୟା:-
୧. ଶ୍ରୀମତୀ ପ୍ରୀତିନନ୍ଦା ରାଉତରାୟ, ଚେୟାର୍‌ପର୍‌ସନ୍,
୨. ଶ୍ରୀ ରାଜକିଶୋର ଦାସ,
୩.ଶ୍ରୀ ଶିବ ପ୍ରସାଦ ବେହେରା,
୪. ଶ୍ରୀ ଚନ୍ଦ୍ରଶେଖର ମଲିଆ,
୫. ଶ୍ରୀମତୀ ଯଶୋଧାରା ପ୍ରଧାନ,
୬. ଶ୍ରୀମତୀ ଅଲିଅଳି ମଲ୍ଲିକ୍,
୭. ଅସିୟା ବେଗମ୍

ଅଦ୍ୟ ତା ୧୮.୧୦.୨୦୨୨ ରିଖ ଅପରାହ୍ନ ଘ.୪.୦୦ ଟିକା ସମୟରେ ନିଗମ ସଭାକକ୍ଷ "ଏକାମ୍ର" ରେ ଭୁବନେଶ୍ୱର ମହାନଗର ନିଗମର ଟ୍ୟାକ୍ସେସନ୍, ଫାଇନାନ୍ସ ଆଣ୍ଡ୍ ଆକାଉଂଟ୍ସ ଷ୍ଟାଣ୍ଡିଂ କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ଏହି ବୈଠକରେ କମିଟିର ସଭାପତି ଶ୍ରୀମତୀ ପ୍ରୀତିନନ୍ଦା ରାଉତରାୟ ସଭାପତିତ୍ୱ କରିଥିଲେ । ପ୍ରାରମ୍ଭରେ ସଭାପତି ଉପସ୍ଥିତ ସଭ୍ୟ/ସଭ୍ୟା ମାନଙ୍କୁ ସ୍ୱାଗତ କରିବା ପରେ ସଭା କାର୍ଯ୍ୟ ଆରମ୍ଭ ହୋଇଥିଲା ।

ପ୍ରସ୍ତାବ-୧. ସଭାପତିଙ୍କ ଅନୁମତି କ୍ରମେ ନିମ୍ନଲିଖିତ ପ୍ରସ୍ତାବ ଉପରେ ଆଲୋଚନା କରାଯାଇ ନିମ୍ନମତେ ସିଦ୍ଧାନ୍ତ ଗ୍ରହଣ କରାଗଲା ।

ନିର୍ଦ୍ଧାରଣ-୧(୧). ଭୁବନେଶ୍ୱର ମହାନଗର ନିଗମାଂଚଳରେ ମାଇକ୍ରୋ କମ୍ପୋଷ୍ଟିଂ ସେଂଟର (ଏମ୍ ସି ସି) ହେବା ପୂର୍ବରୁ ସଫେଇ ବାବଦରେ କେତେ ଖର୍ଚ୍ଚ ହେଉଥିଲା, ଏମ୍ ସି ସି ହେବାପରେ କେତେ ଖର୍ଚ୍ଚ ହେଉଅଛି ତାହାର ତଥ୍ୟ ଆସନ୍ତା ମାସ ବୈଠକରେ ଉପସ୍ଥାପନ କରିବା ପାଇଁ ନିଗମର ବିତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୨). ଭୁବନେଶ୍ୱର ମହାନଗର ନିଗମ କାର୍ଯ୍ୟାଳୟ ପରିସର ମଧରେ "ମୋ ଖତ" ବିକ୍ରି ପାଇଁ ଏକ କାଉଂଟର୍ ଖୋଲିବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ନିର୍ଦ୍ଧାରଣ-୧(୩). ଗତ ସେପ୍ଟେମ୍ବର ମାସ-୨୦୨୨ ଆୟ ବ୍ୟୟ ଫର୍ଦ୍ଦରେ 'O & M distribution of old cloth' ବାବଦକୁ ଟ ୧୯,୮୮,୫୧୪/-(ଉଣେଇଶି ଲକ୍ଷ ଅଠାଅଶୀ ହଜାର ପାଂଚ ଶହ ଚଉଦ) ଟଙ୍କା ଖର୍ଚ୍ଚ ହୋଇଥିବାର ଦର୍ଶାଯାଇଅଛି । ଏହା ଉପରେ ବିଶଦ ଭାବରେ ଆଲୋଚନା କରାଗଲ. ଉପରୋକ୍ତ ପରିମାଣର ଅର୍ଥରେ ମଧ ନୂତନ ବସ୍ତ୍ର ବଂଟନ କରାଯାଇପାରିବ ବୋଲି ମତ ପ୍ରକାଶ ପାଇଥିଲା । ଏହା ଉପରେ ତର୍ଜମା କରାଯାଇ ଆସନ୍ତା ମାସ ବୈଠକରେ ସବିଶେଷ ବିବରଣୀ ଉପସ୍ଥାପନ କରିବା ପାଇଁ ଉପ ଆୟୁକ୍ତ, ସ୍ୱାସ୍ଥ୍ୟ ଓ ପରିମଳଙ୍କୁ ନିର୍ଦ୍ଦେଶ ଦେବା ନିମନ୍ତେ ସର୍ବ ସମ୍ମତିକ୍ରମେ ମେୟରଙ୍କୁ ସୁପାରିଶ କରାଗଲା ।

ସର୍ବ ଶେଷରେ ସମସ୍ତ ସଭ୍ୟ/ସଭ୍ୟା ମାନେ ବୈଠକରେ ଉପର ବର୍ଣ୍ଣିତ ଆଲୋଚନାରେ ଅଂଶଗ୍ରହଣ କରି ସୁଚିନ୍ତିତ ମତାମତ ପ୍ରଦାନ କରିଥିବାରୁ ସଭାପତି ସମସ୍ତଙ୍କୁ ଧନ୍ୟବାଦ ଦେବା ପରେ ଅପରାହ୍ନ ୬.୨୫ ମିନିଟ୍ ସମୟରେ ସଭା ସାଙ୍ଗ କରାଗଲା ।

ସ୍ୱା/-ପ୍ରୀତିନନ୍ଦା ରାଉତରାୟ
ସଭାପତି
ତା ୧୮.୧୦.୨୦୨୨ ରିଖ